# NATIONAL NEWS BULLETIN (ODIA)
## 24 July - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ସୁନା, ରୁପା ଓ ପ୍ଲାଟିନମ୍ ସମେତ କର୍କଟ ଚିକିତ୍ସା ଔଷଧ ଆଦି କ୍ଷେତ୍ରରେ ସୀମାଶୁଳ୍କ ହ୍ରାସ ।

– କେନ୍ଦ୍ର ବଜେଟ୍ ଉପରେ ବିଭିନ୍ନ କ୍ଷେତ୍ରରୁ ମିଳିଛି ସକରାତ୍ମକ ପ୍ରତିକ୍ରିୟା ।

- ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷା ନିର୍ଦ୍ଦେଶ ଦେବା ସଂକ୍ରାନ୍ତ ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ ।

– ସତ୍ୟର ବିଜୟ ହୋଇଛି ବୋଲି କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଭାରତ ଗସ୍ତରେ ଆଜି ଆସୁଛନ୍ତି ବ୍ରିଟେନ୍‌ର ବୈଦେଶିକ ସଚିବ ।
- ଇଥିଓପିଆ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ୨୨୯କୁ ବୃଦ୍ଧି ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ନେପାଳ ବିରୁଦ୍ଧରେ ୮୨ରନ୍‌ରେ ବିଜୟୀ ।

# ବଜେଟ୍

କେନ୍ଦ୍ର ବଜେଟ୍‌ରେ ମୋବାଇଲ୍ ଫୋନ୍, ଅକ୍ଷର ଏବଂ ଚିହ୍ନ ଖୋଦିତ ସର୍କିଟ୍ ବୋର୍ଡ୍ (ପି.ସି.ବି.ଏ.) ଓ ମୋବାଇଲ୍ ଚାର୍ଜର ଉପରେ ସୀମା ଶୁଳ୍କକୁ ୧୫ ପ୍ରତିଶତ ହ୍ରାସ କରାଯାଇଛି । ସେହିଭଳି ସୁନା ଓ ରୁପା ଉପରେ ସୀମା ଶୁଳ୍କ ୬ ପ୍ରତିଶତ ଏବଂ ପ୍ଲାଟିନମ୍ ଉପରେ ୬ ଦଶମିକ୍ ୪ ପ୍ରତିଶତ ହ୍ରାସ ହୋଇଛି । କେତୋଟି କର୍କଟ ଚିକିତ୍ସା ଔଷଧ, ଏକ୍ସରେ ମେସିନ୍‌ର ଟ୍ୟୁବ୍ ଏବଂ ଫ୍ଲାଟ୍ ପ୍ୟାନେଲ୍ ଡିଟେକ୍ଟର ଉପରେ ସୀମା ଶୁଳ୍କ ହ୍ରାସ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସୂତା ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ଏମ୍.ଡି.ଆଇ. ସୀମା ଶୁଳ୍କ ୭ ଦଶମିକ୍ ୫ ପ୍ରତିଶତରୁ ୫କୁ ହ୍ରାସ କରାଯାଇଛି । ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀକୁ ବୃଦ୍ଧି କରିବା ଲକ୍ଷ୍ୟରେ ଶୁଳ୍କ ପରିମାଣକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ଆଗାମୀ ଦିନରେ ଏହିସବୁ ଜିନିଷର ଦାମ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

ସୂଚନା ଯୋଗ୍ୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ସଂସଦରେ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ । ଏହି ବଜେଟ୍‌ରେ ସମସ୍ତଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ୯ଟି କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ନିଯୁକ୍ତି, ଦକ୍ଷତା, ଏମ୍.ଏସ୍.ଏମ୍.ଇ.

ଏବଂ ମଧ୍ୟବିତ ବର୍ଗ ଉପରେ ଏହି ବଜେଟ୍ କେନ୍ଦ୍ରୀଭୂତ ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଦୁବାଇ-ବଜେଟ୍ ରିଆକ୍ସନ୍

କେନ୍ଦ୍ର ବଜେଟ୍ ଉପରେ ବିଭିନ୍ନ କ୍ଷେତ୍ରରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି । ଦୁବାଇର ବ୍ୟବସାୟ ବିଶେଷଜ୍ଞ ଏହି ବଜେଟ୍‌କୁ ସ୍ୱାଗତ କରିଛନ୍ତି । ଏହାଦ୍ୱାରା ଭାରତ-ୟୁ.ଏ.ଇ. ଅର୍ଥନୈତିକ ସମ୍ପର୍କ ଅଧିକ ଦୃଢ଼ିଭୂତ ହେବ ବୋଲି ସେ କହିଛନ୍ତି । ସୁନା ଆମଦାନୀ ଶୁଳ୍କ ହ୍ରାସ କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ୟୁ.ଏ.ଇ.ର ଟିକସ ସୋସାଇଟି ଅଧ୍ୟକ୍ଷ ନବୀନ ଶର୍ମା କହିଛନ୍ତି । ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ସୁନା ବାଣିଜ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅର୍ଥନୈତିକ ବାସ୍ତବତା ସହିତ ଏହି ବଜେଟ୍‌ରେ ସମନ୍ୱୟ ରକ୍ଷା କରାଯାଇଛି । ବଜେଟ୍ ପ୍ରସ୍ତୁତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି ।

# ଏସ୍-ନିଟ୍

ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ସଂକ୍ରାନ୍ତ ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦ୍ଦିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏ ନେଇ ଏକାଧିକ ଆବେଦନର ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି । ଖଣ୍ଡପୀଠ କହିଛନ୍ତି, ରେକର୍ଡରେ ଥିବା ତଥ୍ୟ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ପାଇଁ ଯଥେଷ୍ଟ ନୁହେଁ । ତେଣୁ ଏହି ଆଧାରରେ ଗତ ମେ ମାସ ୫ ତାରିଖରେ ଅନୁଷ୍ଠିତ ପରୀକ୍ଷାର ପବିତ୍ରତାକୁ ବାଧା ପହଞ୍ଚା ଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ନିଟ୍ ୟୁ.ଜି. ୨୦୨୪ ପରୀକ୍ଷା ବାତିଲ କରିବାକୁ ନିର୍ଦ୍ଦେଶ ଦେବା ଏହି ତଥ୍ୟ ଆଧାରରେ ଯୁକ୍ତିଯୁକ୍ତ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି । ଚଳିତ ବର୍ଷ ପାଇଁ ନୂତନ ନିଟ୍ ୟୁ.ଜି. ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଗଲେ ୨୦ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କର ଭବିଷ୍ୟତ ବାଧାପ୍ରାପ୍ତ ହେବ । ପରୀକ୍ଷା ବାତିଲ ଦ୍ୱାରା ଡାକ୍ତରୀ ଶିକ୍ଷା ଏବଂ ଭବିଷ୍ୟତର ଯୋଗ୍ୟ ଡାକ୍ତରୀ ବୃତ୍ତିଧାରୀଙ୍କ ଉପଲବ୍ଧତା ଉପରେ ପ୍ରଭାବ ପକାଇପାରେ । ଏହି ପରୀକ୍ଷାର ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଉପରେ ଆଲୋଚନା କରିବାକୁ ଯାଇ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସମୀକ୍ଷା କରି ପୁନଃ ଫଳ ପ୍ରକାଶ

କରିବାକୁ ଏନ୍.ଟି.ଏ.କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ପରେ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ନେଇ ପଥ ପରିଷ୍କାର ହୋଇଛି ।

## ପ୍ରଧାନ-ନିଟ୍

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିଟ୍ ୟୁ.ଜି. ମାମଲା ଗୁଡ଼ିକରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ଶେଷରେ ସତ୍ୟର ବିଜୟ ହୋଇଛି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ ନରେନ୍ଦ୍ର ମୋଦୀ ସରକାରଙ୍କ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ପରୀକ୍ଷା ବ୍ୟବସ୍ଥା ନେଇ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ । ଏନ୍.ଟି.ଏ.କୁ ତ୍ରୁଟି ଶୂନ୍ୟ ସଂସ୍ଥା ଭାବେ ପରିଣତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ତେବେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଘଟଣାରେ ଦଳିତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନ୍.ଟି.ଏ. ଦ୍ୱାରା ପରୀକ୍ଷା ପରିଚାଳନାକୁ ଅଧିକ ସୁସଂହତ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ତେବେ ଏହି ଘଟଣାରେ ବିରୋଧୀ ପକ୍ଷ ଅଯଥା  ମିଥ୍ୟା ପ୍ରଚାର କରିବା ସହ ଅଶାନ୍ତି ଏବଂ ଅରାଜକତା ସୃଷ୍ଟି କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ।

## ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ ଚୌହାନ୍ ଇସ୍ରାଏଲ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଇଆଲ୍ ଜାମିର୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବୃଦ୍ଧି ସହ ଦୁଇ ଦେଶ ମଧ୍ୟରେ ସାମରିକ ମିଳିତ ପ୍ରତିବଦ୍ଧତାକୁ ନେଇ ଆଲୋଚନା ହୋଇଛି ବୋଲି ସମନ୍ୱିତ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି ।

## ୟୁକେ ଫରେନ୍ ସେକ୍ରେଟେରୀ

ବ୍ରିଟେନ୍ ବୈଦେଶିକ ସଚିବ ଡେଭିଡ୍ ଲାମି ଆଜି ଭାରତ ଗସ୍ତରେ ଆସୁଛନ୍ତି । ବ୍ରିଟିସ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମେର୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ସରକାର ଗଠନ ହେବା ପରେ ପ୍ରଥମଥର ପାଇଁ ଶ୍ରୀ ଲାମିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରି ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରାଯିବ । ଶ୍ରୀ ଲାମି ଆଜି ସନ୍ଧ୍ୟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଲାମି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍ ଏବଂ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ଗତ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରିଟିସ୍ ପ୍ରତିପକ୍ଷ କିର୍ ଷ୍ଟାର୍ମେର୍ଙ୍କ ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଦୁଇ ଦେଶ ମିଳିମିଶି କାର୍ଯ୍ୟ କରିବା ନେଇ ସହମତି ପ୍ରକାଶ କରିଛନ୍ତି ।

## ଆମେରିକା ଗୁଇନ୍ଦା ସଂସ୍ଥା ମୁଖ୍ୟ ଇସ୍ତଫା

ଆମେରିକା ଗୁଇନ୍ଦା ସଂସ୍ଥା ନିର୍ଦ୍ଦେଶକ କିମ୍ବର୍ଲି ଚିଟ୍ଲେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ପେନ୍ସିଲ୍ଭାନିଆ ର୍‍ୟାଲିରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌କୁ ଗୁଳି ମାଡ଼ ଘଟଣାରେ ସୁରକ୍ଷା ତ୍ରୁଟି ନେଇ ଯାଞ୍ଚ୍‌ର ସମ୍ମୁଖୀନ ହେବା ପରିପ୍ରେକ୍ଷୀରେ ସେ ଏହି ପଦକ୍ଷେପ ନେଇଛନ୍ତି । ଯାଞ୍ଚ କମିଟିରେ ଶୁଣାଣି ସମୟରେ ତାଙ୍କର ସାକ୍ଷ୍ୟ ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାଯାଇଛି । ଇ-ମେଲ୍ ମାଧ୍ୟମରେ ସେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ।

## ଇଥିଓପିଆ

ଇଥିଓପିଆ ଭୂସ୍ଖଳନ ମୃତ୍ୟୁ ସଂଖ୍ୟା ୨୨୯କୁ ବୃଦ୍ଧି ପାଇଛି । ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଇଥିଓପିଆର ଗେଜଗୋଫା ଜିଲ୍ଲା ଏବଂ ଅନ୍ୟ ଏକ ଅଞ୍ଚଳରେ ଭୂସ୍ଖଳନ ଘଟି ଏହି ପରିସ୍ଥିତି ସୃଷ୍ଟି ହୋଇଛି । ସେଠାରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଛି । ମୃତକଙ୍କ ମଧ୍ୟରେ ୧୪୮ ଜଣ ପୁରୁଷ ଏବଂ ୮୧ଜଣ ମହିଳା ଅଛନ୍ତି । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଉଦ୍ଧାର କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି । ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ୍ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୂର୍ବ ଆଫ୍ରିକାର ଏହି ଦେଶରେ ବର୍ଷା ଋତୁରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଦେଖିବାକୁ ମିଳିଥାଏ ।

## ଜଳଜୀବନ ମିଶନ୍

ଜାତୀୟ ଜଳଜୀବନ ମିଶନ୍ ଅଧୀନରେ ଦେଶର ୧୫ କୋଟି ଗ୍ରାମୀଣ ପରିବାରକୁ ପାଇପ୍ ଜଳ ସଂଯୋଗ ପ୍ରଦାନ କରି ଏକ ବୃହତ ସଫଳତା ହାସଲ କରିଛି । ୨୦୧୯ରେ ଥିବା ୩ କୋଟିରୁ ବୃଦ୍ଧି ପାଇ ୫ ବର୍ଷ ମଧ୍ୟରେ ଏହା ୧୫ କୋଟିରେ ପହଞ୍ଚିଛି । ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ଘରେ ପାଇପ୍ ଯୋଗେ ଜଳଯୋଗାଣ କରିବା ମିଶନ୍ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍

ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏଭଳି ପଦକ୍ଷେପ ଗ୍ରାମବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି । ବର୍ତ୍ତମାନ ସୁଦ୍ଧା ୮ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ଯୋଜନା ୧୦୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି । ସେଗୁଡ଼ିକ ମଧ୍ୟରେ ଗୋଆ, ତେଲଙ୍ଗାନା, ହରିୟାଣା, ଗୁଜରାଟ, ପଞ୍ଜାବ, ହିମାଚଳ ପ୍ରଦେଶ, ମିଜୋରାମ୍, ଅରୁଣାଚଳ ପ୍ରଦେଶ, ପୁଡୁଚେରୀ, ଦାଦର ଓ ନଗର ହାବେଲି, ଡାମନ୍ ଓ ଡିଉ ଏବଂ ଆଣ୍ଡାମାନ ଓ ନିକୋବର ଅନ୍ତର୍ଭୁକ୍ତ ।

## କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ନେପାଳକୁ ୮୨ରନ୍‌ରେ ପରାସ୍ତ କରିଛି । ଶ୍ରୀଲଙ୍କାର ଦାମ୍ବୁଲା ଠାରେ ଗତକାଲି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ସେଫାଳି ବର୍ମାଙ୍କ ୮୧ରନ୍ ବଳରେ ଭାରତ ୩ ଉ୍ୱିକେଟ୍‌ରେ ୧୭୮ରନ୍ ସଂଗ୍ରହ କରିଥିଲା । ୧୭୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ୬ ଉ୍ୱିକେଟ୍‌ରେ ୯୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଗ୍ରୁପ୍ ପର୍ଯ୍ୟାୟରେ ତିନୋଟି ଯାକ ମ୍ୟାଚ୍ ଜିତି ଭାରତ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଭାରତ ସହ ତାଲିକାର

ଦ୍ୱିତୀୟ ସ୍ଥାନରେ ଥିବା ପାକିସ୍ତାନ ମଧ୍ୟ ସେମିଫାଇନାଲ୍‌ରେ ପହଞ୍ଚିଛି । ସେଫାଳି ବର୍ମା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ଆସନ୍ତା ଦୁଇ ଦିନ ମଧ୍ୟରେ ଗୁଜରାଟ, କୋଙ୍କଣ, ଗୋଆ ଏବଂ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହୋଇପାରେ । ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷାର ପରିମାଣ ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଉତ୍ତର ପଶ୍ଚିମ ଭାରତର ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ହରିଆଣା, ଚଣ୍ଡିଗଡ଼ ଏବଂ ଦିଲ୍ଲୀରେ ଏହି ସମୟ ମଧ୍ୟରେ ଘଡ଼ଘଡ଼ି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମଧ୍ୟ ବର୍ଷା ଲାଗି ରହିଛି । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ବର୍ଷା ପରିସ୍ଥିତି ଏବଂ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।